# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଅଦ୍ୟ ତା ୦୨.୦୭.୨୦୨୦ ରିଖ, ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ଓଡିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ଅଧକ୍ଷାଙ୍କ ନିର୍ଦ୍ଦେଶକ୍ରମେ ଏବଂ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଶରତ କୁମାର ଦେହୁରିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଢେଙ୍କାନାଳ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ଢେଙ୍କାନାଳ ବନ ବିଭାଗର ମିଳିତ ଆନୁକୁଲ୍ୟରେ ବନ ମହୋତ୍ସବ ସପ୍ତାହ ଅବସରରେ B.B High School, K.P High School ଏବଂ Bansingh High School ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟାକ୍ରମକୁ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଶରତ କୁମାର ଦେହୁରି ଉଦ୍‌ଘାଟନ କରିବା ସହିତ ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ଚାରାରୋପଣ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଟି ଚାରା ରୋପଣ କାରାଯାଇଛି ।

ଏହି କାର୍ଯ୍ୟକ୍ରମରେ ବିଚାରପତି, ପାରିବାରିକ ଅଦାଲତ ଶ୍ରୀ ଦିପ୍ତିରଂଜନ କାନୁନ୍‌ଗୋ, ମୁଖ୍ୟବିଚାର ବିଭାଗୀୟ ମାଜଷ୍ଟ୍ରେଟ ଶ୍ରୀ ମୁକ୍ତି ରଂଜନ ସତପଥୀ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଶ୍ରୀ ସୁକାନ୍ତ କିଶୋର ଜେନା, ବରିଷ୍ଠ ଦେଓ୍ୱାନୀ ବିଚାରପତି ସୁବାସ ଚନ୍ଦ୍ର ଧଳ, ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ ବିଚାରପତି ଶ୍ରୀଛାୟାକାନ୍ତ ଦାଶ, , ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ଅଭିଜିତ୍ କୁମାର ପୁରୋହିତ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଶା ଅଗ୍ରଓାଲ/ମୈତ୍ରୀ ସାମନ୍ତରାୟ, ମାଜିଷ୍ଟ୍ରେଟ (ପ୍ରୋବେସନ) ଶ୍ରୀମୟୀ ନନ୍ଦ, ସିଭିଲ୍ କୋର୍ଟ, ଢେଙ୍କାନାଳ, ଉଚ୍ଚ ବିଦ୍ୟାଳୟର ଛାତ୍ର ଆଇନ ସାକ୍ଷରତା ସଂଘର ଶିକ୍ଷକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଢେଙ୍କାନାଳର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ ।

ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ , ଶ୍ରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ରେଞ୍ଜ ଅଫିସର ଧରିତ୍ରୀ ମୁର୍ମୁ, ଢେଙ୍କାନାଳ ବନପାଳ ଶ୍ରୀ ହିମାଂଶୁ ପୃଷ୍ଟି ଚାରା ଯୋଗାଣ ସହିତ ଏହାର ରୋପଣ ନିମନ୍ତେ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିଥିଲେ ।

Secretary
District Legal Services Authority
Dhenkanal